ଶନିବାର, ୫ ନଭେମ୍ବର, ୨୦୨୨

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ପବ୍ଲିକ୍ ଟୟଲେଟ୍‌ରେ ଲେଖା ଥିଲା ଦୁନିଆ ଚନ୍ଦ୍ରରେ ପହଞ୍ଚିଲାଣି, ହେଲେ ତୁମେ ଏଇଠି ବସିଛ ? ପପୁ ତା’ ମୁଣ୍ଡ ଖର୍ଚ୍ଚ କରି ତଳେ ଲେଖିଦେଲା– ଚନ୍ଦ୍ରରେ ପାଣି ନ ଥିବାରୁ ମୁଁ ତଳକୁ ଫେରି ଆସିଲି।

**(ରାଜୁ ଓ ବିଜୁ ମଧ୍ୟରେ କଥାବାର୍ତ୍ତା)**

ରାଜୁ–କହିଲୁ ବିଜୁ, ବିଜୁଳି ପ୍ରଥମେ ଦେଖାଯାଏ, ହେଲେ ଘଡ଼ଘଡ଼ି ପଛରେ ଶୁଣାଯାଏ କାହିଁକି ?
ବିଜୁ: କାହିଁକି ନା ଆଖି ଆମର ସାମ୍ନାରେ ଥାଏ ଏବଂ କାନ ପଛରେ ସେଥିପାଇଁ !

ବିଜୁର ଦେହ ଖରାପ୍ ଥିବାରୁ ସେ କଫ୍ ସିରଫ ଆଣିବାକୁ ମେଡିସିନ୍ ଷ୍ଟୋର ଗଲା । ମେଡିସିନ୍ ବଟଲ ଆଣି କହିଲା–ମୋତେ ଚିନି ଦିଅ। ମେଡିସିନ୍ ଷ୍ଟୋରରେ ଥିବା ପିଲା କହିଲା– ଆମର ଏଠାରେ ଚିନି ମିଳେନି। ବିଜୁ–କିନ୍ତୁ ମେଡିସିନ୍ ବଟଲରେ ଲେଖାଅଛି ସୁଗାର ଫ୍ରି।

# ପ୍ରକୃତ ଖୁସି..

## ଗପ



ରାତି ପାହିଲେ କାର୍ତ୍ତିକ ପୂର୍ଣ୍ଣିମା। ହେଲେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଖୁସିର ମନରେ ନ ଥିଲା କାଣିଚାଏ ଖୁସିର ଚିହ୍ନ। ତା’ପାଇଁ କ’ଣ ଅବା ପୂଜା ପର୍ବାଣିର ଖୁସି ? ସବୁ ଦିନ ପରି ରାତିରେ ତା ବାପା ବିନୟ ତ ନିଶାସକ୍ତ ହୋଇ ଆସିବେ ଆଉ ତା’ ପରେ ଆରମ୍ଭ ହୋଇଯିବ ତାଙ୍କର ଅତ୍ୟାଚାର। ସବୁଦିନ ଭଳି ସେଇ ଗାଳିଗୁଲଜ ସହିତ ମାରପିଟ। ସେ ଆଉ ତା’ ଭାଇ ଭଉଣୀ କୁନୁ ଆଉ ମୁନୁ ଭୟରେ ମା’ ଶାନ୍ତି ପାଖରେ ଲୁଚିଯାନ୍ତି। ଶାନ୍ତି ନିଜ ଲୁହକୁ ନିଜ କାନିରେ ପୋଛି ପିଲାଙ୍କୁ କୋଳେଇ ନିଅନ୍ତି। କୁନୁ ତିନି ବର୍ଷର ଆଉ ମୁନୁ ଦି’ବର୍ଷର। ଏତେ ଛୋଟ ଛୁଆ ହେଲେ ବି ଖୁସି ଭଳି ସେମାନେ ଡରନ୍ତି ବାପାଙ୍କୁ। କଲିଂ ବେଲ୍ ବାଜିଲା। କବାଟ ଖୋଲିଲା ବେଳକୁ ଘରକୁ ପଶି ଆସିଲେ ଖୁସିର ବାପା ବିନୟ। କିନ୍ତୁ କିଛି ନ କହି ଚୁପ୍‌ଚାପ୍ ଚାଲିଲେ ବେଡ୍‌ରୁମ୍‌କୁ ଆଉ ଚାହୁଁ ଚାହୁଁ ଶୋଇ ପଡ଼ିଲେ। ଶାନ୍ତି ମଧ୍ୟ ତାଙ୍କର ତିନି ପିଲାଙ୍କୁ ଧରି କବାଟ ବନ୍ଦ କରି ଶୋଇପଡ଼ିଲେ। ରାତି ପାହିବା ପୂର୍ବରୁ ଶାନ୍ତି ଉଠି ଗାଧୋଇ ପୂଜା କାମରେ ଲାଗିପଡ଼ିଲେ। ଠାକୁର ଘରୁ ବାହାରିଲା ବେଳକୁ ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଗାଧୋଇପାଧୋଇ ପ୍ୟାଣ୍ଟ ଶାର୍ଟ ପିନ୍ଧି ରେଡି ହୋଇ ସାରିଥିଲେ ବିନୟ। ସେ ଶାନ୍ତିଙ୍କୁ କହିଲେ,‘ଆଜି ପରା କାର୍ତ୍ତିକ ପୂର୍ଣ୍ଣିମା, ଚାଲ ଚାଲ ପିଲାମାନଙ୍କୁ ବାହାର କର ଜଲ୍‌ଦି ଜଲ୍‌ଦି। ସେମାନେ କ’ଣ ଡଙ୍ଗା ଭସେଇବେନି’ ? ଜଲ୍‌ଦି ଉଠାଅ ସେମାନଙ୍କୁ।

ବଲ ବଲ କରି ଚାହିଁଥିଲେ ଶାନ୍ତି। ଦିନଟେ ପାଇଁ ବି ସେ ଭଲ କଥା ପଦେ ଶୁଣି ନ ଥିଲେ ବିନୟଙ୍କଠୁ। ଏ କି ପରିବର୍ତ୍ତନ ତାଙ୍କର ? ଶାନ୍ତି ଏମିତି ଛିଡ଼ା ହେବା ଦେଖି ହସି ଦେଇ ବିନୟ ନିଜେ ଚାଲିଗଲେ ପିଲାମାନଙ୍କୁ ଉଠେଇବାକୁ। ନିଦରୁ ଉଠି ପିଲାମାନେ ମଧ୍ୟ ବାପାଙ୍କୁ ଦେଖି ଗୋଟିଏ କୋଣକୁ ଘୁଞ୍ଚିଗଲେ। ପ୍ରଥମେ ତ ବିନୟକୁ ଟିକିଏ ଖରାପ ଲାଗିଲା। ହେଲେ ସେ ପିଲାମାନଙ୍କୁ ଗେଲ କରି ଯେତେବେଳେ କୋଳେଇ ନେଲେ ସେତେବେଳେ ପିଲାମାନେ ମଧ୍ୟ ବାପାଙ୍କର ପରିବର୍ତ୍ତିତ ରୂପକୁ ଦେଖି ଖୁସିରେ କୁଣ୍ଢେଇ ପକେଇଲେ। ଖୁସି ତ ଆଶ୍ଚର୍ଯ୍ୟ ହୋଇ ଯାଇଥାଏ।

ଶାନ୍ତି କିନ୍ତୁ ଜାଣିପାରୁ ନ ଥାନ୍ତି ଏ ସବୁ କ’ଣ ହେଉଛି ? ସେ ଏମିତି ସ୍ଥାଣୁ ହୋଇ ଛିଡ଼ା ହୋଇଥିବାର ଦେଖି ବିନୟ ଆସି ତାଙ୍କୁ ହଲେଇ ଦେଇ କହିଲେ,ଏମିତି ଖୁଣ୍ଟଟା ଭଳି ଛିଡ଼ା ହୋଇ କ’ଣ ଭାବୁଛ ? ଆରେ ଚାଲ ଆଜି ଭଳିଆ ଦିନରେ କ’ଣ ଆମେ ମନ୍ଦିର ଯିବାନି ?

ବିନୟ ମୁନୁର ମୁଣ୍ଡ କୁଣ୍ଢେଇ ଦେଉ ଦେଉ କହିଲେ, ମୁଁ ବୁଝି ସାରିଛି କି ନିଶା ଖାଇ ମୁଁ କେତେ ବଡ଼ ଭୁଲ୍ କରୁଥିଲି। ସେଥିପାଇଁ ମୋତେ ସତରେ ବହୁତ ଖରାପ ଲାଗୁଛି। ମୁଁ ଜାଣିଛି କାଲି ଆମ କଲୋନୀର ସମୀର ମରିଗଲା। ସେଇମ ଯାହା ପୁଅର ଏକୋଇଶିଆ ଏଇ ପନ୍ଦର ଦିନ ତଳେ ଗଲା। ସେ ମୋ ସହିତ ଏକାଠି ନିଶା ଖାଏ। ନିଶା ଖାଇ ତା’ ଲିଭର ଖରାପ ହେଇ ଯାଇଥିଲା। ଓଃ.. କାଲି ତା’ ସ୍ତ୍ରୀର ସେଇ ଛାତି ଥରା କାନ୍ଦ ସହିତ ତା’ କଅଁଳା ପିଲାଟାର କାନ୍ଦ ମୋତେ ବଦଳେଇ ଦେଲା। ମୁଁ କାଲି ରାତିସାରା ବହୁତ ଭାବିଲି। ଯଦି ଏମିତି ନିଶା ଖାଇ ମୁଁ ମରିଯାଏ ତେବେ କ’ଣ ହେବ ତୁମ ଅବସ୍ଥା ? ଆଉ କ’ଣ ହେବ ପିଲାମାନଙ୍କର ଭବିଷ୍ୟତ ? ମୁଁ ଏବେ ଜାଣି ସାରିଛି ପ୍ରକୃତ ଖୁସି ନିଶାରେ ନ ଥାଏ...ଥାଏ ଜୀବନକୁ ଉପଭୋଗ କରି ପିଲାମାନଙ୍କ ସହିତ ବିତେଇବାରେ। ତେଣୁ ଯଦି ପାରିବ ମୋର ଦୁର୍ବ୍ୟବହାର ପାଇଁ ମୋତେ କ୍ଷମା କରିଦେବ। ମାଆର ଖୁସିକୁ ଆଜି ବେଶ୍ ଭଲଭାବେ ଅନୁଭବ କରିପାରୁଥିଲା ଖୁସି।

**–ମନୋଜ କୁମାର ବେହେରା**
ବାୟାବାବା ମଠ ଲେନ, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

## ଗ୍ଲେସିୟର

▶▶ପର୍ବତ ଶିଖରରେ ଜମି ରହିଥିବା ବରଫ ବା ହିମକୁ ଗ୍ଲେସିୟର କୁହାଯାଏ। ଏହି ବରଫ ତିଆରି ହେବା ପାଇଁ ହଜାର ହଜାର ବର୍ଷ ସମୟ ଲାଗିଥାଏ।

▶▶ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ସର୍ବପୁରାତନ ଗ୍ଲେସିୟର ଆଣ୍ଟାର୍କଟିକାରେ ଅଛି, ଯାହା ୧କୋଟି ବର୍ଷ ପୁରୁଣା। ଗ୍ରୀନ୍‌ଲାଣ୍ଡରେ ଥିବା ଗ୍ଲେସିୟର ୧ଲକ୍ଷ ବର୍ଷର ହୋଇଥିବା ବେଳେ ଆଲାସ୍କାନ୍ ଗ୍ଲେସିୟର୍ ୩୦ହଜାର ବର୍ଷ ପୁରୁଣା।

▶▶ଅନେକ ସ୍ଥାନରେ ଶୀତଋତୁରେ ପର୍ବତ ଶିଖରରେ ବରଫ ଆକାରରେ ଗ୍ଲେସିୟର ଜମା ହୋଇଥାଏ ଏବଂ ଗ୍ରୀଷ୍ମଋତୁରେ ତରଳି ଯାଇ ହିମସ୍ଖଳନ ହୋଇ ପର୍ବତ ପାଦ ଦେଶକୁ ଖସିଆସି ହିମନଦୀ ସୃଷ୍ଟି କରିଥାଏ।

✲ହିମବାହରେ ଖସି ଆସିଥିବା ବରଫ ବେଳେବେଳେ ନଦୀରେ ନ ମିଶି ବରଫର କଠିନ ଆବରଣ ପରି ଖଣ୍ଡ ଖଣ୍ଡ ହୋଇ ନଦୀ ଉପରେ ଭାସିଥାଏ।

▶▶ତେବେ ଗ୍ଲେସିୟର ମୁଖ୍ୟତଃ ଦୁଇ ପ୍ରକାର ହୋଇଥାଏ। ଯଥା– କଣ୍ଟିନେଣ୍ଟାଲ୍ ଗ୍ଲେସିୟର ଏବଂ ଆଲପାଇନ୍ ଗ୍ଲେସିୟର।

▶▶ବିଶ୍ୱରେ ପ୍ରାୟ ୭୫ ଶତକଡା ମଧୁର ଜଳ ଗ୍ଲେସିୟରରେ ଗଚ୍ଛିତ ହୋଇ ରହିଛି। ସେଥିମଧ୍ୟରୁ ୬୮ପ୍ରତିଶତ ଜଳ ପାନୀୟଯୋଗ୍ୟ।



▶▶ହିମାଳୟ ଅଞ୍ଚଳରେ ଗ୍ଲେସିଅର ତରଳିବା ଦ୍ୱାରା ସୃଷ୍ଟି ହେଉଥିବା ଜଳକୁ ପାନୀୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ସହ ବିଦ୍ୟୁତ୍ ଉତ୍ପାଦନ ପାଇଁ ମଧ ବ୍ୟବହାର କରାଯାଏ।

▶▶ ଗ୍ଲେସିୟର ଗଚ୍ଛିତ ରଖିବାରେ ହିମାଳୟ ବିଶ୍ୱର ତୃତୀୟ ସ୍ଥାନରେ ଅଛି। କିନ୍ତୁ ମାତ୍ରାଧିକ ଗ୍ଲେସିୟର ତରଳିବା ଏବେ ଚିନ୍ତାର କାରଣ ପାଲଟିଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

❖ପିଲାମାନେ ସେମାନଙ୍କ ‘ସକାଳୁଆ ପାଠପଢା’ ବିଷୟରେ ବହୁତ ସୁନ୍ଦର ମତ ରଖିଛନ୍ତି। ପଢି ଖୁସି ଲାଗିଲା।

**–ଦୀପଙ୍କର ବିଶ୍ୱାଳ,** ପାଣିକୋଇଲି, ଯାଜପୁର

❖‘ରଙ୍ଗ ଦିଅ’ ଓ ‘ଏଥରର ପ୍ରଶ୍ନ’ର ଉତ୍ତର ଦେବାକୁ ମଜା ଲାଗୁଛି।

**–ମନୋଜ ରାୟ,** ମୁକୁନ୍ଦପୁର, ବାଙ୍କୀ

❖‘ଖିଲି ଖିଲି ହସ’ ସ୍ତମ୍ଭରେ ମଣ୍ଟୁ ଓ ପିଣ୍ଟୁର କଥାବାର୍ତ୍ତା ପଢ଼ି ଖୁବ୍ ହସିଲି।

**–ଶୁଭସ୍ମିତା ଦାଶ,** ଖଣ୍ଡଗିରି, ଭୁବନେଶ୍ୱର

## ସୂଚନା


ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ



ଅନନ୍ୟ ଅରୁପମ୍ ରାଉତ
କ୍ଲାସ୍–୪, ଦିଲ୍ଲୀ ପବ୍ଲିକ୍ ସ୍କୁଲ,
କଳିଙ୍ଗନଗର, ଭୁବନେଶ୍ୱର





> ସୂର୍ଯ୍ୟଙ୍କୁ ଖାଲିଆଖିରେ କିମ୍ବା ଦୂରବୀକ୍ଷଣ ଯନ୍ତ୍ରରେ ଦେଖିବା ଅତ୍ୟନ୍ତ ବିପଜ୍ଜନକ। ଏହାଦ୍ୱାରା ଆଖି ସଙ୍ଗେ ସଙ୍ଗେ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ସେଥିପାଇଁ ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ସୂର୍ଯ୍ୟଙ୍କ ପ୍ରତିବିମ୍ବକୁ ଏକ ପର୍ଦ୍ଦା ଉପରେ ପ୍ରକ୍ଷେପ କରି ପର୍ଯ୍ୟବେକ୍ଷଣ କରିବା ସବୁଠାରୁ ସୁରକ୍ଷିତ ଉପାୟ ...

# ଛାଇ ଆଲୁଅର ଖେଳ

**ନିକୁଞ୍ଜ ବିହାରୀ ସାହୁ**

ସୁନା ସେଦିନ ଆଂଶିକ ସୂର୍ଯ୍ୟୋପରାଗ ଦେଖିବା ପାଇଁ ବାପାଙ୍କ ସାଙ୍ଗରେ ବିଜ୍ଞାନକେନ୍ଦ୍ର ବୁଲି ଯାଇଥିଲା। ବିଜ୍ଞାନକେନ୍ଦ୍ରରେ ସେଦିନ ସୂର୍ଯ୍ୟୋପରାଗ ପ୍ରଦର୍ଶନ କରିବା ପାଇଁ ବିସ୍ତୃତ ଆୟୋଜନ କରାଯାଇଥିଲା। ପ୍ରକୃତିର ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ବିଜ୍ଞାନକେନ୍ଦ୍ରଠାରେ ଦର୍ଶକମାନଙ୍କର ବହୁତ ଭିଡ଼ ଜମିଥିଲା। ସୁନା ଦେଖିଲା ବିଜ୍ଞାନକେନ୍ଦ୍ରଠାରେ ଏକ ଦୂରବୀକ୍ଷଣ ଯନ୍ତ୍ର ଜରିଆରେ ସୂର୍ଯ୍ୟଙ୍କର ପ୍ରତିବିମ୍ବକୁ ଏକ ପର୍ଦ୍ଦା ଉପରେ ପ୍ରକ୍ଷେପ କରାଯାଇଛି, ଯାହାକୁ ଦର୍ଶକମାନେ ଦେଖୁଛନ୍ତି। ସେ ଆଶ୍ଚର୍ଯ୍ୟ ହୋଇ ବାପାଙ୍କୁ ପଚାରିଲା– ବାପା! ଲୋକମାନେ ଦୂରବୀକ୍ଷଣରେ ସିଧା ସୂର୍ଯ୍ୟଙ୍କୁ ନ ଦେଖି ଏମିତି ପର୍ଦ୍ଦା ଉପରେ ପ୍ରତିବିମ୍ବ ଦେଖୁଛନ୍ତି କାହିଁକି? ବାପା କହିଲେ, ତୁ ଭଲ ପ୍ରଶ୍ନଟିଏ ପଚାରିଲୁ। ସୂର୍ଯ୍ୟଙ୍କୁ ଖାଲିଆଖିରେ କିମ୍ବା ଦୂରବୀକ୍ଷଣ ଯନ୍ତ୍ରରେ ଦେଖିବା ଅତ୍ୟନ୍ତ ବିପଜ୍ଜନକ। ଏହାଦ୍ୱାରା ଆଖି ସଙ୍ଗେ ସଙ୍ଗେ ନଷ୍ଟ ହୋଇଯିବ। ସେଥିପାଇଁ ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ସୂର୍ଯ୍ୟଙ୍କର ପ୍ରତିବିମ୍ବକୁ ଏକ ପର୍ଦ୍ଦା ଉପରେ ପ୍ରକ୍ଷେପ କରି ପର୍ଯ୍ୟବେକ୍ଷଣ କରାଯାଉଛି। ଏହା ସବୁଠାରୁ ସୁରକ୍ଷିତ ଉପାୟ।

ସୁନା କହିଲା– କିଛି ଲୋକ ସୂର୍ଯ୍ୟୋପରାଗକୁ ହଳଦୀପାଣିରେ କିମ୍ବା ଏକ୍ସରେ ପ୍ଲେଟ ସାହାଯ୍ୟରେ ଦେଖୁଛନ୍ତି। ଏହା କ'ଣ ଏକ ସୁରକ୍ଷିତ ଉପାୟ। ବାପା କହିଲେ– ଏହା ଆଦୌ ସୁରକ୍ଷିତ ଉପାୟ ନୁହେଁ। ଏହା ସୂର୍ଯ୍ୟରୁ ଆସୁଥିବା ଦୃଶ୍ୟମାନ ଆଲୋକ ରଶ୍ମିକୁ ପ୍ରତିହତ କରୁଥିଲେ ସୁଦ୍ଧା ମାରାତ୍ମକ ଅତି–ବାଇଗଣି ରଶ୍ମିକୁ ସମ୍ପୂର୍ଣ୍ଣ ରୋକିପାରେ ନାହିଁ। ତେଣୁ ଏହିସବୁ ମାଧ୍ୟମରେ ସୂର୍ଯ୍ୟଙ୍କୁ ପର୍ଯ୍ୟବେକ୍ଷଣ କଲେ ଚକ୍ଷୁ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି।


ସୁନା ସେଇଠୁ ପଚାରିଲା– ସୂର୍ଯ୍ୟୋପରାଗ ବେଳେ କିଛି ଲୋକ ପାକ ତ୍ୟାଗ କରି ଉପବାସ କରୁଛନ୍ତି। ଆଉ କିଛି ଲୋକ ଗାଧୁଆ ପାଧୁଆ କରି ମନ୍ଦିରରେ ଦେବ ଦର୍ଶନ କରୁଛନ୍ତି। ସୂର୍ଯ୍ୟୋପରାଗ ବେଳେ କ'ଣ ସତରେ ଖାଇବା ପିଇବା ମନା?


ବାପା କହିଲେ, ସୂର୍ଯ୍ୟୋପରାଗ ପ୍ରକୃତରେ ଏକ ମହାକାଶୀୟ ଘଟଣା। ଏହା ସହିତ ପୃଥିବୀର କୌଣସି ଘଟଣାର ସିଧା ସମ୍ବନ୍ଧ ନାହିଁ। ତେଣୁ ସୂର୍ଯ୍ୟୋପରାଗ ବେଳେ ଉପବାସ କରିବା କିମ୍ବା ସୂର୍ଯ୍ୟୋପରାଗ ସରିଗଲେ ସ୍ନାନ କରିବା ବିଜ୍ଞାନସମ୍ମତ ନୁହେଁ।

ସେଇଠୁ ସୁନା ପଚାରିଲା–ବାପା, ସୂର୍ଯ୍ୟୋପରାଗ ସମ୍ପର୍କରେ ଆମ ସମାଜରେ ଆଉ କ'ଣ କ'ଣ ଅନ୍ଧବିଶ୍ୱାସ ପ୍ରଚଳିତ ଅଛି ?

ବାପା କହିଲେ, ସୂର୍ଯ୍ୟୋପରାଗ ସମ୍ପର୍କରେ ଆମ ସମାଜରେ ଅନେକ ବିଶ୍ୱାସ ଅନ୍ଧବିଶ୍ୱାସ ପ୍ରଚଳିତ ଅଛି। ଏଥି ମଧ୍ୟରୁ କିଛିଟା ହେଲା– ଦୂରସ୍ଥାନକୁ ଯାତ୍ରା ଉପରେ ନିଷେଧ, ଗର୍ଭବତୀ ନାରୀର ଗର୍ଭସ୍ଥ ସନ୍ତାନ ଉପରେ ପ୍ରତିକୂଳ ପ୍ରଭାବ, ମନ୍ଦିରରେ ପୂଜାର୍ଚ୍ଚନା ନିର୍ଘଣ୍ଟରେ ପରିବର୍ତ୍ତନ ଇତ୍ୟାଦି ଇତ୍ୟାଦି। ମାତ୍ର ଏ ସମସ୍ତ ବିଶ୍ୱାସ ବିଜ୍ଞାନସମ୍ମତ ନୁହେଁ। ସୁନା ପୁଣି ପଚାରିଲା– ବାପା, ସୂର୍ଯ୍ୟୋପରାଗର ପ୍ରକୃତ କାରଣ କ'ଣ? ବାପା ଉତ୍ତରଦେଲେ– ଭଲ କଥାଟିଏ ପଚାରିଲୁ। ସୂର୍ଯ୍ୟୋପରାଗ ପ୍ରକୃତରେ ତିନି ମହାକାଶୀୟ ପିଣ୍ଡ ଯଥା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ଆଲୋକ ଓ ଛାଇର ଲୁଚକାଳି ଖେଳ। ଚନ୍ଦ୍ର ନିଜ କକ୍ଷପଥରେ ଯାଉଯାଉ ବେଳେବେଳେ ସୂର୍ଯ୍ୟ ସମୀପରେ ତଥା ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଏକ ସରଳରେଖାରେ ଅବସ୍ଥାନ କରେ। ଫଳରେ ସୂର୍ଯ୍ୟବିମ୍ବର କିଛି ଅଂଶ ଚନ୍ଦ୍ର ଉହାଡ଼ରେ ଲୁଚିଯାଏ। ଏହାକୁ ଆମେ ସୂର୍ଯ୍ୟୋପରାଗ କହିଥାଉ। ଅବଶ୍ୟ ଚନ୍ଦ୍ର, ସୂର୍ଯ୍ୟଙ୍କ ସମୀପରୁ ହଟିଗଲେ ସୂର୍ଯ୍ୟ ଆମକୁ ପୁଣି ଦୃଷ୍ଟିଗୋଚର ହୁଅନ୍ତି। ସୁନା ଏଥରକ ସୂର୍ଯ୍ୟୋପରାଗ ବିଷୟରେ ସମସ୍ତ କଥା ବୁଝିପାରିଥିବାରୁ ଫେରିବା ବେଳକୁ ତା'ର ମନ ଭାରି ଖୁସିଥାଏ ।

– ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ :୮୯୧୭୬୩୭୯୭୪






# ତୁମ ତୂଳୀରୁ







୧




୨





୩



୪




୫




୬



୭



୮



୯



୧
ବର୍ଷା ପ୍ରିୟଦର୍ଶିନୀ ଜେନା
କ୍ଲାସ- ୯, ଜୟଦୁର୍ଗା ହାଇସ୍କୁଲ, ଓଶାଳା, ଦୁଲାଖପାଟଣା, ଯାଜପୁର



୨
ଜିଜ୍ଞାସୁ ଚୌଧୁରୀ
କ୍ଲାସ- ୩, ଡିଏଭି ପବ୍ଲିକ ସ୍କୁଲ, କଟକ



୩
ଅଭିଲିପ୍ସା ରାଉତ
କ୍ଲାସ- ୯, ରଘୁନାଥ ଉଚ୍ଚ ବିଦ୍ୟାଳୟ, ଦାମୋଦରପୁର, ମଙ୍ଗଳପୁର, ଯାଜପୁର



୪
ବିଦ୍ୟା ଜୟସିଂହ
କ୍ଲାସ- ୫, ରୁଚିକା ହାଇସ୍କୁଲ, ଗଙ୍ଗନଗର, ୟୁନିଟ-୬, ଭୁବନେଶ୍ୱର



୫
ସୁମେଧା ମିଶ୍ର
କ୍ଲାସ-୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୬
ଆୟୁଷ୍ମାନ୍ ମହାନ୍ତି
କ୍ଲାସ- ୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର



୭
ଆୟୁଶ୍ରୀ ଦାଶ
କ୍ଲାସ- ୧, ମହର୍ଷି ବିଦ୍ୟା ମନ୍ଦିର, ନୟାଗଡ



୮
ବିଶ୍ୱଜିତ ପାତ୍ର
କ୍ଲାସ- ୯, ମଦନପୁର ମହାବୀର ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡା



୯
ସିଦ୍ଧି ସରୂପା
କ୍ଲାସ-୪, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର



# କବିତା

## ପବିତ୍ର ଧରମ ଡଙ୍ଗା

ଆସିଛି ପବିତ୍ର କାର୍ତ୍ତିକ ପୁନେଇଁ
ପୁଣ୍ୟ, ଧରମକୁ ସାଥିରେ ନେଇ।
ପବିତ୍ର ଧରମ ଡଙ୍ଗା ସଜେଇ
ରଖିଲି ଯତନେ ଦେବି ଭସେଇ।
ଗୁଆ ପାନ ଦୀପ ରଖିଲି ମୁହିଁ
ଅରୁଆ ଚାଉଳ ଦୁବ ବନ୍ଦେଇ।
ଠାକୁରଙ୍କୁ କୋଟି ଜୁହାର ହୋଇ
ଧରମ ଡଙ୍ଗାକୁ ପୂଜିଲି ଯାଇ।
ଆ କା ମା ବୈ ଗୀତକୁ ଗାଇ
ଡଙ୍ଗାକୁ ମୋହର ଦେଲି ଭସେଇ।
ଜୀବନ ଯାକର ଧରମ ପାଇଁ
ଗୁଆ ପାନ ଦୀପ ଯାଚିଲି ମୁହିଁ।
ଭକତିରେ ପୂଜି ଜଗତ ସାଇଁ
ଧରମ ନାଆ ମୋ ଦେଲି ଭସେଇ।
ଏତିକି ଅଳି ହେ ଜଗତ ସାଇଁ
ଧର୍ମ ପଥେ ସଦା ନିଅ ଗୋସାଇଁ।

**-ଅର୍ଚ୍ଚନା କର**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର



## କାର୍ତ୍ତିକ ବ୍ରତ

ପବିତ୍ର ପୂର୍ଣ୍ଣିମା ତିଥି ଆସିଛି ଧରା ଧାମରେ
ପାଳୁଛନ୍ତି ନରନାରୀ ଗାଉଛନ୍ତି ସମସ୍ୱରେ।
କରୁଛି ମୁଁ ଏହି ବ୍ରତ କାର୍ତ୍ତିକ ଶୁକ୍ଳ ପକ୍ଷରେ
ଜପୁଛି ତୁଳସୀ ମାଳ କହି ଶହେଆଠ ବାରେ।
ତିନି ଦିଅଁ ଆଙ୍କିଛି ମୁଁ ପଞ୍ଚ ରଙ୍ଗ ମୁରୁଜରେ
ସେ ଦିଅଁ ପାଖେ ବସି ଗାଉଛି ନାମ ମୁଖରେ।
ସତ୍ୟ ଶାନ୍ତି ଦୟା କ୍ଷମା ରଖି ହୃଦ ମନ୍ଦିରରେ
ଜଳାଇ ଆକାଶ ଦୀପ ଗାଉଛି ଭକ୍ତି ଭାବରେ।
ଲଭିବି ମୋକ୍ଷ ଜୀବନେ ଦୁଃଖ ଛାଡ଼ି ଯିବ ଦୂରେ
ସବୁପାପ ଯିବ ଧୋଇ ଭଜିଲେ ମହାମନ୍ତ୍ରରେ।

**-ଅମରନାଥ ବାରିକ**
କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

## ଆ କା ମା ବୈ

କାର୍ତ୍ତିକ ପୂନେଇଁ ଶୁଭ ପ୍ରଭାତରେ
ହୁଏ ବୋଇତ ବନ୍ଦାଣ
ଅତୀତର ଆମ ନୌ-ବାଣିଜ୍ୟକୁ
ଲୋକେ କରନ୍ତି ସ୍ମରଣ।
କଦଳୀ ବାହୁଙ୍ଗା ଡଙ୍ଗା ରୂପ ନିଏ
ରଖାଯାଏ ଗୁଆ ପାନ
ନଦୀର ଜଳରେ ବୁଡ଼ିଟିଏ ମାରି
ଭସାନ୍ତି ଡଙ୍ଗାକୁ ଜନ।
ବଳିତା ଆଲୋକେ ଆଲୋକିତ ଡଙ୍ଗା
ଭାସେ ଆଗକୁ ଆଗକୁ
ସଭିଏଁ ଗାଆନ୍ତି ଗୋଟିଏ ସ୍ୱରରେ
'ଆ କା ମା ବୈ'ର ଗୀତକୁ।
ସୂକ୍ଷ୍ମ ପଟ୍ଟବସ୍ତ୍ର ସାଥେ ପଣ୍ୟ ଦ୍ରବ୍ୟ
ପଡ଼ୋଶୀ ଦେଶକୁ ନେଇ
ଭାରତର ନାମ ଉଚ୍ଚ କରିଥିଲେ
ଆମରି ବଣିକ ଭାଇ।
ସାଧବ ପୁଅଙ୍କ ସାହସିକତାକୁ
ଅମର ରଖିବା ପାଇଁ
ବୋଇତ ବନ୍ଦାଣ ପରମ୍ପରା ଆମ
ପାଳନ୍ତି ଭଉଣୀ ଭାଇ।
ବିନା ସାହସରେ ଜିତିବାର ଆଶା
ସଦା ହୋଇଥାଏ କ୍ଷୀଣ
ଉଚ୍ଚ ମନୋଭାବ ହୃଦୟେ ରଖିଲେ
ନିଶ୍ଚୟ ବିଜୟ ଜାଣ।
ଆସ ଭାଇମାନେ ଶ୍ରଦ୍ଧାରେ ଗାଇବା
ଆ କା ମା ବୈ'ର ଗାନ
ଗୁଆ ପାନ ଦେଇ ଧର୍ମ ଆପଣାଇ
ରଖିବା ଦେଶର ମାନ।

**-ରାମଚନ୍ଦ୍ର ବେହେରା**
ବରୋଦା,ଗୁଜରାଟ
ମୋ: ୭୩୫୫୬୭୩୪୩୪୬

# ଏଥରର

- ସର୍ବପ୍ରଥମେ କେଉଁଠାରେ କଫି ଉତ୍ପାଦନ ହୋଇଥିଲା ?
- ଆମ ଜାତୀୟ ପରିବା ନାମ କ'ଣ ?
- ଜାତୀୟ ଖାଦ୍ୟର ନାମ ?
- ବିଶ୍ୱର ସର୍ବାଧିକ ଗହମ ଉତ୍ପାଦନକାରୀ ଦେଶ ?
- ସମ୍ବର କେଉଁ ରାଜ୍ୟର ପ୍ରସିଦ୍ଧ ଖାଦ୍ୟ ?

## ଉ ଉ ଉ ଗତଥରର

- ଜଙ୍ଗଲ
- ଆସନ
- ଆଖି
- କ୍ୟାରମ୍
- ହାତୁଡ଼ି

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ








### ସବୁଠୁ ଡେଙ୍ଗା କିଶୋର

ପିଲାମାନେ ତୁମ ସାଙ୍ଗମାନଙ୍କ ଭିତରେ ଅନେକ ଡେଙ୍ଗା ପିଲା ଥିବେ। ହେଲେ କେବେ ଭାବିଛ ଜଣେ କିଶୋରଙ୍କ ଉଚ୍ଚତା ୭ ଫୁଟ୍‌ରୁ ବି ଅଧିକ ହୋଇପାରେ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। କାନାଡାର ୧୬ବର୍ଷର ଓଲିଭର ରିଓକ୍ସଙ୍କ ଉଚ୍ଚତା ୭ଫୁଟ୍ ୫.୩୩ ଇଞ୍ଚ। ଯେଉଁଥିପାଇଁ ବିଶ୍ୱର ସବୁଠାରୁ ଡେଙ୍ଗା କିଶୋର ଭାବରେ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଗିନିଜ୍ ରେକର୍ଡ ଆକାଉଣ୍ଟରେ ପୋଷ୍ଟ କରାଯାଇଥିବା ଭିଡିଓରେ ଦେଖାଯାଉଛି କି ରିଓକ୍ସ ଉଚ୍ଚତା ଅଧିକ ଯୋଗୁ ବାସ୍କେଟବଲ୍ ଖେଳିବା ସମୟରେ ଅତି ସହଜରେ ଫିଲ୍ଡ ଗୋଲ୍ ମଧ କରିପାରୁଛନ୍ତି। ଜନ୍ମ ସମୟରେ ତାଙ୍କ ଓଜନ ୭.୬ ପାଉଣ୍ଡ ଥିଲା ଏବଂ ମାସକର ହୋଇଥିବା ବେଳେ ଏହା ବଢ଼ି ୧୬ପାଉଣ୍ଡ ହୋଇଯାଇଥିଲା। ରିଓକ୍ସ କୁହନ୍ତି, ତାଙ୍କ ଘର ସଦସ୍ୟ ସମସ୍ତେ ଡେଙ୍ଗା। ତେଣୁ ତାଙ୍କ ପରିବାର ଡେଙ୍ଗା ପରିବାର ଭାବରେ ମଧ ପରିଚିତ। ସ୍କୁଲର ସବୁ ସାଙ୍ଗମାନଙ୍କ ମଧ୍ୟରୁ ତାଙ୍କର ଉଚ୍ଚତା ଅଧିକ। ଅନ୍ୟ ଲୋକଙ୍କ ତୁଳନାରେ ସେ ଉଚ୍ଚାରେ ଥିବା ସବୁ ଜିନିଷକୁ ଭଲ ଭାବରେ ଦେଖିପାରନ୍ତି ବୋଲି ଖୁସି ହୁଅନ୍ତି। କିନ୍ତୁ ଶାରୀରିକ ଗଠନ ଯୋଗୁ ତାଙ୍କୁ କୌଣସି ଡ୍ରେସ୍ ଫିଟ୍ ହୁଏ ନାହିଁ। ତେବେ ଭବିଷ୍ୟତରେ ସେ ଜଣେ ପ୍ରତିଷ୍ଠିତ ବାସ୍କେଟବଲ୍ ଖେଳାଳି ହେବାକୁ ଲକ୍ଷ୍ୟ ରଖିଛନ୍ତି।

## କହିଲ ଦେଖି

ନଦୀ ମଧ୍ୟେ ସାର ସେ ମହାନଦୀ
କେ ପାରିବ ତା'ର ମହିମା ଭେଦି।
ଅସଂଖ୍ୟ ନଉକା ଧରି କୋଳରେ
ଲୀଳା କରୁଥାଏ ସ୍ୱଚ୍ଛ ଜଳରେ।
ଓଡ଼ିଆପୁଅଙ୍କ ଗୌରବ ଗାଥା
ଦେଖି ଶୁଣି ଉଚ୍ଚା ଆମରି ମଥା।
ପବିତ୍ର ବାଲି ତା କରଇ ଯାତ୍ରା
ପଦରଜ ପଡ଼ି ସେହୁ ପବିତ୍ରା।
ଯାତ୍ରାଟିର ନାମ କହିବ ଯିଏ
କଟକ ସହର ବୁଲିବ ସିଏ।



**ଉତ୍ତର- ବାଲିଯାତ୍ରା**

ଧରମ ମାସର ଶେଷ ଦିବସ
ପ୍ରଭୁ ଦାମୋଦର କରନ୍ତି ରାସ।
ଦେବ ଦୀପାବଳି ନାମରେ ଖ୍ୟାତ
ଦେବ ତ୍ରିପୁରାରୀ ହୁଅନ୍ତି ପୂଜିତ।
ପୁଷ୍କର ହରଦେ କରି ସିନାନ
ଦେବ ହରିହର କରି ଦର୍ଶନ।
ମାସକ ଧରମ ଲଭିବା ଆଶେ
ଗୁଆ ପାନ ନାଆ ଜଳରେ ଭାସେ।
ପରବର ନାଆଁ ଯିଏ କହିବ
ମାସକ ଧରମ ସିଏ ପାଇବ।



**ଉତ୍ତର- କାର୍ତ୍ତିକ ପୂର୍ଣ୍ଣିମା/ରାସ ପୂର୍ଣ୍ଣିମା**

ନୁହେଁ ବିଭାଘର ଚତୁର୍ଥୀ ବ୍ରତ
ବନ୍ଦାପନା ହୁଏ ବ୍ରାହ୍ମ ମୁହୂର୍ତ୍ତ।
ବିଦେଶକୁ ଯିବୁ ଆଣିବୁ ଧନ
ସାଧବ ପୁଅଙ୍କ ମନ ଉଚ୍ଛନ୍ନ।
ପରବ କହଇ ଗରବ କଥା
ସୌରଭେ ଗୌରବ ସଦା ବନ୍ଦିତା।
ବନ୍ଦାଣର ନାମ ଯିଏ କହିବ
ବୋଇତେ ଜଳରେ ସିଏ ବୁଲିବ।



**ଉତ୍ତର- ବୋଇତ ବନ୍ଦାଣ**

**-ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ
ମୋ: ୯୯୩୮୨୬୪୪୭୬

## ଜିରାଫ୍‌ର ଜିଭ

ଜିରାଫ୍‌ର ଜିଭର ଲମ୍ବ ୪୫–୫୦ ସେ.ମି. । ଆଉ ଏହାର ରଙ୍ଗ କଳା ଏବଂ ବାଇଗଣୀ ରଙ୍ଗର ହୋଇଥାଏ । ଏମାନଙ୍କର ୩୨ଟି ଦାନ୍ତ ଅଛି । ଏହି ପ୍ରାଣୀର ବୟସ ଯେତେ ବଢ଼ିବଢ଼ି ଚାଲେ ସେମାନଙ୍କ ଶରୀରରେ ଥିବା ଚିହ୍ନଗୁଡ଼ିକ ସେତେ ଗାଢ଼ ହୁଏ । ବୟସ୍କ ଜିରାଫ୍‌ର ଲାଙ୍ଗୁଡର ଲମ୍ବ ପ୍ରାୟ ୧୦୦ ସେ.ମି. ହୋଇଥାଏ ।



## ପେଙ୍ଗୁଇନ୍

ଜାଣି ଆଶ୍ଚର୍ଯ୍ୟ ହେବେ, ଏକ ବୟସ୍କ ପେଙ୍ଗୁଇନ୍ ଥରେ ପାଣିରେ ବୁଡ଼ିଲେ ଏକାଥରେ ପ୍ରାୟ ୩୦ଟି ମାଛ ଧରିବାରେ ସକ୍ଷମ ହୋଇପାରେ । ଏମାନେ ପାଣିରେ ଏକଘଣ୍ଟା ମଧ୍ୟରେ ପ୍ରାୟ ୧୫ କିଲୋମିଟର ପର୍ଯ୍ୟନ୍ତ ଅତିକ୍ରମ କରିପାରନ୍ତି । ଏମାନଙ୍କ ଜୀବନକାଳ ହେଉଛି ପ୍ରାୟ ୧୫ରୁ ୨୦ବର୍ଷ ।



## ବିଷାକ୍ତ ଫୁଲ

ଆକୋନିଟମ୍ ଗଛର ଫୁଲକୁ ସବୁଠୁ ବିଷାକ୍ତ ଫୁଲ କୁହାଯାଏ । ଏହି ଫୁଲକୁ ଯଦି କିଏ ଶୁଂଘିଦିଏ ତେବେ ସେ ସଙ୍ଗେ ସଙ୍ଗେ ଚେତା ହରାଇବାର ଆଶଙ୍କା ରହିଥାଏ । ଏହାକୁ ମଧ୍ୟ 'କୁଇନ୍ ଅଫ ଅଲ ପୟଜନସ୍' ବୋଲି କୁହାଯାଏ । ଅପରପକ୍ଷେ ଏହି ଗଛର ମୂଳ ଏବଂ ପତ୍ରରେ ବହୁ ପରିମାଣର ନ୍ୟୁରୋଟକ୍‌ସିନ୍ ବିଷ ରହିଛି ।



## ଓଲଟା ଶୁଏ ବାଦୁଡ଼ି

ବାଦୁଡ଼ି ଶୋଇବା ସମୟରେ ଓଲଟା ଶୋଇଥା'ନ୍ତି । ଏମାନଙ୍କ ପଛ ଗୋଡ଼ ଛୋଟ ଏବଂ ବିକଶିତ ହୋଇ ନ ଥିବା କାରଣରୁ ଏମାନେ ଗଛରେ ଓଲଟା ଲଟକି ଶୁଅନ୍ତି । ଓଲଟା ଶୋଇବା ଦ୍ୱାରା ଏମାନଙ୍କ ଉଡ଼ିବାରେ ସହଜ ହୁଏ । ରାତିରେ ପ୍ରାୟତଃ ଏମାନେ ଉଡ଼ନ୍ତି । ଉଚ୍ଚ ସ୍ଥାନ ଚଢ଼ିବା ଏବଂ ଉଡିବା ଲାଗି ଏମାନେ ସାମ୍ନା ଗୋଡ଼ ବ୍ୟବହାର କରିଥାନ୍ତି ।



## ଘଣ୍ଟାକୁ ୧୨୦ କି.ମି. ଦୌଡ଼ିପାରେ ଚିତା

ସାଧାରଣତଃ ଗୋଟିଏ ଚିତାବାଘ ପ୍ରାୟ ୧୨ରୁ ୨୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ । ଏମାନେ ଶକ୍ତିଶାଳୀ ହେବା ସହ ଦ୍ରୁତ ଗତିରେ ଦୌଡ଼ିପାରିବାର କ୍ଷମତା ରଖନ୍ତି । ଏମାନଙ୍କର ଘଣ୍ଟା ପ୍ରତି ବେଗ ପ୍ରାୟ୧୨୦ କି.ମି. । ଚିତାବାଘ ରାତି ଅପେକ୍ଷା ଦିନରେ ଅଧିକ ଶିକାର କରନ୍ତି । ଏମାନଙ୍କୁ ବିଶ୍ୱର ସବୁଠୁ ଦ୍ରୁତତମ ପ୍ରାଣୀ ଭାବରେ ଗଣନା କରାଯାଏ ।





କ୍ରିଷ୍ଣା ସାହୁ
୪ ବର୍ଷ / ଖୋର୍ଦ୍ଧା

ଥା ଇ ନା



ସାନ୍ଭୀ ପ୍ରଣବୀ ଦାସ
୪ ବର୍ଷ / ଭୁବନେଶ୍ୱର